


# ଶ୍ରୀମନ୍ଦିର ସମାଚାର

SHREE JAGANNATH TEMPLE BULLETIN

ଅଗଷ୍ଟ-୨୦୧୯ (ସିଂହ ସଂକ୍ରାନ୍ତି) AUGUST - 2019


## ଶ୍ରୀମନ୍ଦିରରେ ଝୁଲଣ ଓ ରକ୍ଷାବନ୍ଧନ ମହୋତ୍ସବ

ଉତ୍ସବପ୍ରିୟ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଶ୍ରୀମନ୍ଦିରରେ ଅନୁଷ୍ଠିତ ହେଉଥିବା ଯାତ୍ରାମାନଙ୍କ ମଧ୍ୟରେ ଝୁଲଣ ଯାତ୍ରା ଅନ୍ୟତମ । ଏହି ଯାତ୍ରା ଶ୍ରାବଣ ଶୁକ୍ଳ ଦଶମୀ ଠାରୁ ଭାଦ୍ରବ କୃଷ୍ଣ ପ୍ରତିପଦା ପର୍ଯ୍ୟନ୍ତ ଦୀର୍ଘ ସାତଦିନ ଧରି ଶ୍ରୀମନ୍ଦିରରେ ପାଳନ କରାଯାଇଥାଏ । ଦ୍ୱାପରଯୁଗରେ ବର୍ଷାକାଳରେ ଗୋପୀମାନେ ଯମୁନାକୂଳର ଲତାକୁଞ୍ଜରେ ରସରାଜ ଶ୍ରୀକୃଷ୍ଣ ଓ ଶ୍ରୀରାଧାଙ୍କୁ ଦୋଳିରେ ବସାଇ ଆନନ୍ଦରେ ଗୀତଗାଇ ଝୁଲାଉଥିଲେ । ସେହି ସ୍ମୃତିରେ ଶ୍ରୀକୃଷ୍ଣାବତାର ଲୀଳାକ୍ରମରେ ବର୍ଷା ସମୟରେ ଶ୍ରାବଣମାସର ଅନ୍ତିମଭାଗରେ ଶ୍ରୀମନ୍ଦିରରେ ଚିତ୍ତାକର୍ଷକ ଝୁଲଣ



ମହୋତ୍ସବ ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଥାଏ । ଶ୍ରୀମନ୍ଦିରରେ ପାଳିତ ହେଉଥିବା ଝୁଲଣ ମହୋତ୍ସବର ବର୍ଣ୍ଣନା ଓ ପାଳନ ବିଧିର ଉଲ୍ଲେଖ କୌଣସି ପୁରାଣରେ ନାହିଁ । ଏପରିକି 'ନୀଳାଦ୍ରି ମହୋଦୟ' ଓ 'ବାମଦେବ ସଂହିତା' ଗ୍ରନ୍ଥରେ ମଧ୍ୟ ନାହିଁ । ଅତଏବ ପରବର୍ତ୍ତୀ କାଳରେ ଏହି ଯାତ୍ରା ଶ୍ରୀମନ୍ଦିରରେ ପାଳିତ ହୋଇଥିବା ଅନୁମାନ କରାଯାଏ । ମାଦଳା ପାଞ୍ଜିର ରାଜଖଞ୍ଜାରୁ ଜଣାଯାଏ, ଶ୍ରୀଚୈତନ୍ୟ ମହାପ୍ରଭୁ ଓ ଅନ୍ୟ ସମସ୍ତ ବୈଷ୍ଣବଙ୍କର ଏକ ସିଦ୍ଧାନ୍ତ ଏବଂ ସମୂହ ନିଷ୍ପତ୍ତିରୁ ଏହି ଝୁଲଣ ଯାତ୍ରା ଆରମ୍ଭ ହୋଇଥିଲା । ଝୁଲଣଯାତ୍ରା ଦିନମାନଙ୍କରେ ଶ୍ରୀମନ୍ଦିରରେ ଠାକୁରମାନଙ୍କର ମଧ୍ୟାହ୍ନ ଧୂପ ସରିଲା ପରେ ଭିତରେ ପାଣି ପଡ଼ି ଧୋପଖାଳ ହୋଇ ତିନି ବାଡ଼ର ମୈଲମ ବଢ଼େ । ଏହାପରେ ତିନିବାଡ଼ରେ ଚନ୍ଦନ ସର୍ବାଙ୍ଗଲାଗି ହେଲା ପରେ ଠାକୁରମାନଙ୍କୁ ବେଶ କରାଯାଇଥାଏ । ଏହି ସମୟରେ ମହାଜନ ସେବକମାନେ ସିଂହାସନରୁ ଶ୍ରୀଦେବୀ ଓ ଭୂଦେବୀଙ୍କୁ ଦକ୍ଷିଣି ଘରେ ଖଟଶେଯ ମେକାପ ପକାଇଥିବା ଶେଯ ଉପରେ ବିଜେ କରାନ୍ତି । ଏହାପରେ ଦକ୍ଷିଣି ଘରୁ ମଦନମୋହନଙ୍କୁ ଆଣି ଏମାନଙ୍କ ସଙ୍ଗେ ବିଜେ କରାଇବା ପରେ ବେଶ କରାଯାଇଥାଏ । ଦକ୍ଷିଣିଘରେ ପାଣିପଡ଼ି ପୂଜା ଠା' ସରିଲେ ବାହାର ଦେଉଳି ରୋଷକୁ ଭୋଗ ଡକାଯାଇ ଭୋଗ ଛାମୁକୁ ଆସେ । ଜଣେ ପୂଜାପଣ୍ଡା ସେବକ ଆସ୍ଥାନ ପ୍ରତିହାରୀଙ୍କ ଠାରୁ ଜଳନେଇ ହାତ ଧୋଇବା ପରେ ତିନିଗୋଟି ସରାରେ ପ୍ରସ୍ତୁତ ଥିବା ତିନିଗୋଟା ମାଣ୍ଡୁଅ ସର୍ପା ମଣୋହି (ସମର୍ପଣ ଭୋଗ) ବଢ଼ାନ୍ତି । ଏହାପରେ ଶ୍ରୀଦେବୀ, ଭୂଦେବୀ ଓ ଶ୍ରୀମଦନମୋହନ ଛାମୁଦିହୁଡ଼ି ସହ ମହାଜନ ସେବକମାନଙ୍କ ହସ୍ତରେ ରତ୍ନସିଂହାସନକୁ ବିଜେ କରନ୍ତି । ତିନି ବାଡ଼ରେ କର୍ପୂର ଲାଗି ବଢ଼ିଲେ ସନ୍ଧ୍ୟା ଆଳତି ହୋଇଥାଏ । ଏହାପରେ ଜନୈକ ପୂଜାପଣ୍ଡା ସେବକ ମହାପ୍ରଭୁଙ୍କ ଦକ୍ଷିଣ ଭୁଜର ଆଜ୍ଞାମାଳ ଶ୍ରୀମଦନମୋହନଙ୍କୁ ଏବଂ ବାମ ଭୁଜରେ ଥିବା ଦୁଇ ଆଜ୍ଞାମାଳ ଶ୍ରୀଦେବୀ ଓ ଭୂଦେବୀଙ୍କୁ ଲାଗି କରିଥାନ୍ତି । ଏହାପରେ ଛାମୁଦିହୁଡ଼ି ସହ ତିନି ଠାକୁର ଓ ଠାକୁରାଣୀ ମହାଜନ ସେବକଙ୍କ ହାତରେ ବିଜେ ହୋଇ ଜଗମୋହନ ଓ ବଟମୂଳ ଦେଇ ଝୁଲଣ ମଣ୍ଡପର ଦୋଳି ଉପରେ ବିଜେ କରନ୍ତି । ଏଠାରେ ହଡ଼ପ ନାଏକ ବିଡ଼ିଆ ମଣୋହି କରିଥାନ୍ତି । ଠାକୁରମାନେ ଦୋଳିରେ ଝୁଲୁଥିବାର ଦୃଶ୍ୟ ଅତ୍ୟନ୍ତ ମନୋମୁଗ୍ଧକର ।

ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ମୁକ୍ତିମଣ୍ଡପ ଠାରେ ଝୁଲଣ କୁଞ୍ଜ ଓ ଠାକୁର ଠାକୁରାଣୀ ବିଜେ କରି ଦୋଳି ଖେଳିବା ନିମନ୍ତେ ଝୁଲଣ ଦୋଳା ନିର୍ମିତ ହୋଇଥାଏ । ଝୁଲଣ କୁଞ୍ଜଟି ଅତ୍ୟନ୍ତ ଆକର୍ଷଣୀୟ ଶୈଳୀରେ ନିର୍ମିତ ଓ ସଜ୍ଜିତ ହୋଇଥାଏ । ମହାପ୍ରଭୁଙ୍କର ଝୁଲଣ ଦୋଳାଟି ମଧ୍ୟ ମନୋରମ ମଣ୍ଡଣି ମଣ୍ଡିତ ନୟନାନନ୍ଦକର ହୋଇଥାଏ । ଦୋଳାକୁଞ୍ଜରେ ଠାକୁର ଠାକୁରାଣୀ ଦୋଳି ଖେଳିବା ସମୟରେ ଝୁଲଣ ମଣ୍ଡପର ସମ୍ମୁଖ ପରିସର ସଙ୍ଗୀତ ମୁଖରିତ ହୋଇଉଠେ । ସେଠାରେ ଅଗଣିତ ଦର୍ଶନାର୍ଥୀ ଭକ୍ତମାନଙ୍କର କୋଳାହଳରେ ଅପୂର୍ବ ଭାବାବେଶ ସୃଷ୍ଟି ହୋଇଥାଏ ।

ଶ୍ରୀଜୀଉଙ୍କର ସନ୍ଧ୍ୟାଧୂପ ସରିବା ପର୍ଯ୍ୟନ୍ତ ଏହି ଉତ୍ସବ ଲାଗିରହେ ଓ ଭିତରେ ସନ୍ଧ୍ୟାଧୂପ ବଢ଼ିଲେ ଝୁଲଣ ମଣ୍ଡପଠାରେ ସୁଦୁସୁଆର ପାଣି ପକାଇବା ପରେ ଆସ୍ଥାନ ପ୍ରତିହାରୀ ଟେରା ବାନ୍ଧି ଶୀତଳ ଭୋଗ ପୂଜା ଠା' କରିଥାନ୍ତି । ଏହାପରେ ଜଣେ ପାଳିଆ ପୂଜାପଣ୍ଡା ଆସି ପଞ୍ଚୋପଚାରରେ ପୂଜାବିଧି ସାରିବା ପରେ ମୁଦିରସ୍ତ ବନ୍ଦାପନା ନୀତି ବଢ଼ାଇଥାନ୍ତି । ଭିତରେ ଶ୍ରୀଜୀଉଙ୍କର ଚନ୍ଦନଲାଗି ଶେଷ ହେଲାପରେ ଝୁଲଣ କୁଞ୍ଜରେ ମହାଜନମାନେ ଠାକୁର ଠାକୁରାଣୀଙ୍କର ମୈଲମ କରନ୍ତି ଓ ଶ୍ରୀମଦନମୋହନଙ୍କୁ ଦକ୍ଷିଣ ଘରକୁ ଏବଂ ଶ୍ରୀଦେବୀ, ଭୂଦେବୀଙ୍କୁ ରତ୍ନ ସିଂହାସନକୁ ବିଜେ କରାଇଥାନ୍ତି । ଏହିପରି ବିଧି ବିଧାନ ଓ ଉତ୍ସବ ସପ୍ତାହବ୍ୟାପୀ ପାଳିତ ହୋଇଥାଏ । ଅନ୍ୟତ୍ର ଶ୍ରୀରାଧାକୃଷ୍ଣଙ୍କୁ ଦୋଳିରେ ବସାଇ ଝୁଲା ଯାଉଥିବା ବେଳେ ଶ୍ରୀମନ୍ଦିରରେ ଶ୍ରୀମଦନମୋହନଙ୍କ ସହିତ ଶ୍ରୀଦେବୀ ଓ ଭୂଦେବୀ ଦୋଳିରେ ଝୁଲିଥାନ୍ତି ।

ଶ୍ରାବଣ ପୂର୍ଣ୍ଣିମା ଦିନ ଚାରିଗୋଟି ପାଟରାକ୍ଷୀ ଓ ଚାରିଗୋଟି ଗୁଆରମାଳି ଠାକୁରମାନଙ୍କୁ ଲାଗି କରାଯାଇଥାଏ । ପୂର୍ବରୁ ପାଟରାବିଶୋଇ ସେବକ ବାସୁଙ୍ଗାପାଟରେ ନିର୍ମିତ ଚାରିଟି ରାକ୍ଷୀ ଓ ଚାରିଟି ଗୁଆରମାଳି ପ୍ରସ୍ତୁତ କରି ପ୍ରଦାନ କରିଥାନ୍ତି ।



ଭାଇଭଉଣୀର ପବିତ୍ର ସମ୍ପର୍କର ସ୍ମାରକସ୍ୱରୂପ ଶ୍ରାବଣପୂର୍ଣ୍ଣିମା ଅବସରରେ ମାନବୀୟ ଲୀଳାକ୍ରମରେ ବଡ଼ଭାଇ ଶ୍ରୀବଳଭଦ୍ର ଓ ଶ୍ରୀଜଗନ୍ନାଥଙ୍କ ଶ୍ରୀହସ୍ତରେ ଅଲିଅଳି ଭଉଣୀ ସୁଭଦ୍ରା ରାକ୍ଷୀ ପିନ୍ଧାଇ ନିଜର ସୁରକ୍ଷା ନିମନ୍ତେ ଅଳି କରିଥାନ୍ତି । ଶ୍ରୀଜଗନ୍ନାଥ ମହାପ୍ରଭୁ ହଳଦିଆ ଓ ଲାଲରଙ୍ଗର ଏବଂ ବଡ଼ଠାକୁର ଶ୍ରୀବଳଭଦ୍ର ବାଇଗଣି ଓ ନୀଳରଙ୍ଗର ଦୁଇଟି ଲେଖାଏଁ ରାକ୍ଷୀ ଓ ଦୁଇଟି ଲେଖାଏଁ ଗୁଆରମାଳି ଧାରଣ କରିଥାନ୍ତି । ଗୋଟିଏ ଗୁଆରମାଳରେ ୫୪ଟି ଗୁଆ ସଂଯୋଗ ହୋଇଥାଏ । ମହାପ୍ରଭୁଙ୍କର ଏହି ଉତ୍ସବ ଦର୍ଶନ ଅନନ୍ତ ପୁଣ୍ୟଦାୟକ ।


*ଡଃ. ନରେଶ ଚନ୍ଦ୍ର ଦାଶ*

*ପ୍ରାକ୍ତନ ଅଧ୍ୟକ୍ଷ, ଦଇତାପଡ଼ା ସାହି, ପୁରୀ*

# ଶ୍ରୀମନ୍ଦିର ନୀତି ପରିକ୍ରମା

## ଶ୍ରୀମନ୍ଦିରରେ ଦକ୍ଷିଣାୟନ କର୍କଟ ସଂକ୍ରାନ୍ତି :

ତା. ୧୭.୦୭.୧୯ ରିଖ ବୁଧବାର ଦିନ ଦକ୍ଷିଣାୟନ କର୍କଟ ସଂକ୍ରାନ୍ତି ଅବସରରେ ଶ୍ରୀମନ୍ଦିରରେ ସକାଳ ଧୂପ, ଭୋଗମଣ୍ଡପ ଶେଷ ପରେ ମୈଲମ ହୋଇ ସୁଦୁସୁଆର ଦ୍ୱାରା ମହାସ୍ନାନ ପାଇଁ ପୂଜା ଠା' ହୋଇଥିଲା । ପୂଜାପଣ୍ଡାଙ୍କ ଦ୍ୱାରା ମହାସ୍ନାନ ବଢ଼ିଲାପରେ ମୈଲମ ହୋଇ ନୂଆ ବୋଇରାଣି ଲାଗି ହୋଇ ଘଟୁଆରୀ ଘରୁ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ଘଣ୍ଟ, ଛତା, କାହାଳୀ ପଟୁଆରରେ ସର୍ବାଙ୍ଗ ଚନ୍ଦନ ବିଜେ କରାଇ ସିଂହାସନରେ ରଖିଥିଲେ । ଏହାପରେ ସର୍ବାଙ୍ଗ ଚନ୍ଦନ ଲାଗି ହୋଇ ବେଶ ବଢ଼ିଥିଲା ଏବଂ ଘଣ୍ଟ, ଛତା, କାହାଳୀ ସହିତ ତଳିଛ, ପ୍ରଧାନୀ ହାତ ପୈଠ ମଧ୍ୟରେ ମଧ୍ୟାହ୍ନ ଧୂପ ଛାମୁକୁ ଆସନ୍ତେ ମହାପ୍ରଭୁଙ୍କ ବାଡ଼ରେ ମୁଦିରସ୍ତ ପ୍ରସାଦ ଲାଗି କରିଥିଲେ । ଏହାପରେ ମଧ୍ୟାହ୍ନ ଧୂପ ପୂଜା ବସି ଟେରାପଡ଼ିଲା ପରେ ମହାପ୍ରଭୁଙ୍କ ବାଡ଼ର ପୂଜାପଣ୍ଡା, ପତ୍ରିବଡୁ ଏବଂ ସୁଆରବଡୁ ବାହାରକୁ ଆସି ମନ୍ଦିର ମଧ୍ୟରେ ଆଠଟି ସ୍ଥାନରେ ଅନ୍ନବଳି ଦେଇଥିଲେ । ଏହାପରେ ଭିତରକୁ ଆସି ପୂଜା ସମାପନ କରି ପାଣି ପଡ଼ିଲା ପରେ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତଙ୍କ ଦ୍ୱାରା ବନ୍ଦାପନା ନୀତି ବଢ଼ିଥିଲା ।

## ଶ୍ରୀମନ୍ଦିରରେ ଚିତାଲାଗି ଅମାବାସ୍ୟା :

ତା. ୧.୦୮.୧୯ ରିଖ ଗୁରୁବାର ଦିନ ଶ୍ରାବଣ ମାସ ଅମାବାସ୍ୟା ତିଥିରେ ଶ୍ରୀମନ୍ଦିରରେ ଚିତାଲାଗି ନୀତି ଅନୁଷ୍ଠିତ ହୋଇଥିଲା । ଏହି ଦିନ ଶ୍ରୀମନ୍ଦିରରେ



ସକାଳଧୂପ ଓ ଭୋଗମଣ୍ଡପ ନୀତି ଶେଷ ହେବା ପରେ ଶ୍ରୀବିଗ୍ରହମାନଙ୍କର ଶ୍ରୀଅଙ୍ଗରୁ ଝୋବା କଣ୍ଠି ମଇଲମ ହୋଇଥିଲା । ଏହାପରେ ଶ୍ରୀଦେବୀ ଓ ଭୂଦେବୀଙ୍କୁ ମହାଜନ ସେବକମାନେ ସିଂହାସନରୁ ହାତରେ ବିଜେ କରାଇ ଆଣି ଖଟ ଶେଯରେ ବିଜେ କରାଇବା ପରେ ଦଇତାପତିମାନେ ଶ୍ରୀବିଗ୍ରହମାନଙ୍କୁ ଚିତାଲାଗି କରିଥିଲେ । ଏଠାରେ ସୂଚନାଯୋଗ୍ୟ ଯେ ଦେବସ୍ନାନ ପୂର୍ଣ୍ଣିମା ଦିନ ଶ୍ରୀବିଗ୍ରହମାନେ ସ୍ନାନମଣ୍ଡପରୁ ବାହୁଡ଼ା ବିଜେ କରିବା ପରେ ଅନବସରକୁ ଯିବା ପୂର୍ବରୁ ଏହି ଚିତା ମଇଲମ କରାଯାଇ ଭଣ୍ଡାର ଘରେ ରଖାଯାଇଥାଏ ଏବଂ ଚିତାଲାଗି ଅମାବାସ୍ୟା ଦିନ ପୁନଃ ଚିତାଲାଗି କରାଯାଇଥାଏ ।

## ଶ୍ରୀମନ୍ଦିରରେ ବାଡ଼ି ନୃସିଂହ ବିଜେ :

ତା. ୯.୦୮.୧୯ ରିଖ ଶୁକ୍ରବାର ଦିନ ଶ୍ରୀମନ୍ଦିରରେ ବାଡ଼ି ନୃସିଂହ ବିଜେ ନୀତି ଅନୁଷ୍ଠିତ ହୋଇଥିଲା । ଏଠାରେ ସୂଚନାଯୋଗ୍ୟ ଯେ ଝୁଲଣ ଯାତ୍ରାର




ପୂର୍ବ ଦିନ ବାଡ଼ି ନୃସିଂହ ଚାରି ଆଶ୍ରମ ପରିକ୍ରମା କରିଥିଲେ । ବାଡ଼ି ନୃସିଂହ ଠାକୁରଙ୍କ ବିଜେ ନୀତି ଶ୍ରାବଣ ଶୁକ୍ଲପକ୍ଷ ନବମୀ ଦିନ ହୋଇଥାଏ । ମଧ୍ୟାହ୍ନ ଧୂପ ପରେ ଦକ୍ଷିଣ ଘରୁ ନୃସିଂହ ଯାଇ ଆଜ୍ଞାମାଳ ପାଇ ଝୁଲଣ ମଣ୍ଡପ ତଳେ ଥିବା ବିମାନରେ ବିଜେ କରି ସିଂହଦ୍ୱାର ଦେଇ ଚାରି ଆଶ୍ରମକୁ ଯା'ନ୍ତି । ଯଥା- (୧) ମାର୍କଣ୍ଡ (ମାର୍କଣ୍ଡେଶ୍ୱର ସାହି- ମାର୍କଣ୍ଡେୟ ପୁଷ୍କରିଣୀ) (୨) ଅଙ୍ଗିରା (ଦୋଳମଣ୍ଡପ ସାହି) (୩) ପଣ୍ଡୁ (ବାଲିସାହି) (୪) ଭୃଗୁ (ଜମ୍ବେଶ୍ୱର- ହରଚଣ୍ଡୀ ସାହି) । ପର୍ବଯାତ୍ରା ଯୋଗାଣିଆ ଦେଇଥିବା ଶୀତଳଭୋଗ ପ୍ରତ୍ୟେକ ଆଶ୍ରମରେ ଭୋଗ ହୁଏ । ତା'ପରେ ଠାକୁର ବାହୁଡ଼ା ବିଜେ କରିଥିଲେ ।

## ଶ୍ରୀମନ୍ଦିରରେ ଝୁଲଣ ଯାତ୍ରାରମ୍ଭ:

ତା ୧୦.୦୮.୧୯ ରିଖ ଶନିବାର ଦିନ ଶ୍ରାବଣ ଶୁକ୍ଳ ଦଶମୀ ଦିନ ହୁଏ । ଭିତରେ ସର୍ବାଙ୍ଗ ବଢ଼ିଲେ ଲକ୍ଷ୍ମୀ ଓ ସରସ୍ୱତୀ ବେହେରଣ ଉପରକୁ ବିଜେ



ହୋଇଥିଲେ । ଦକ୍ଷିଣ ଘର ଭୋଗ ସରିବା ପରେ ଓ ଭିତର ବେଶ ବଢ଼ିବା ପରେ ମହାଜନମାନେ ହାତରେ ବିଜେ କରାଇ ନେଇ ସିଂହାସନ ଉପରେ ଦୁଇ ଠାକୁରାଣୀଙ୍କୁ ଓ ମଦନମୋହନଙ୍କୁ ବିଜେ କରିଥିଲେ । ଜଣେ ପୂଜାପଣ୍ଡା ଶ୍ରୀଅଙ୍ଗରୁ ଆଜ୍ଞାମାଳ ଦେବାପରେ ଏକାଦଶୀ ବେଢ଼ାବୁଲା ସକାଶେ ମଦନମୋହନ ଆଗ ସିଂହାସନରୁ ମହାଜନଙ୍କ ହାତରେ ବିଜେ ହୋଇ ଝୁଲଣ ମଣ୍ଡପ ପାଖେ ଥିବା ପାଲିଙ୍କିରେ ବିଜେ ହେବା ପରେ ଘଣ୍ଟ, ଛତା ଓ କାହାଳି ସହ ବିମାନବଡୁମାନେ ବିମାନ, ବଡ଼ ଦେଉଳକୁ ବେଢ଼ାଏ ବୁଲାନ୍ତି ଓ ତା'ପରେ ଜୟବିଜୟ ଦ୍ୱାରଠାରେ ମଦନମୋହନଙ୍କ ଏକାଦଶୀ ଭୋଗ ହୋଇଥିଲା । ବନ୍ଦାପନା ହେବା ପରେ ଲକ୍ଷ୍ମୀ ଓ ସରସ୍ୱତୀ ଭିତରୁ ମହାଜନଙ୍କ ହାତରେ ସେଠାକୁ ଆସିଲା ପରେ, ତିନି ମୂର୍ତ୍ତିଙ୍କୁ ଝୁଲଣ ମଣ୍ଡପକୁ ବିଜେ କରି ଓ ପୂର୍ବ କଥିତ ମତେ ଝୁଲଣ ନୀତି ବଢ଼ିଥିଲା ।

## ଶ୍ରୀମନ୍ଦିରରେ ଶ୍ରୀବଳଭଦ୍ର ଜନ୍ମ ଏବଂ ରାକ୍ଷୀ ଲାଗି :

ତା. ୧୫.୦୮.୧୯ ରିଖ ଗୁରୁବାର ଦିନ ଗହ୍ମାପୂର୍ଣ୍ଣମୀ ତଥା ଶ୍ରୀବଳଭଦ୍ର ଜନ୍ମ ଅବସରରେ ଭୋଗମଣ୍ଡପ ସରିଲା ପରେ ମୈଲମ ହୋଇ ମହାସ୍ନାନ ହୋଇଥିଲା । ଏହା ପରେ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତଙ୍କ ଦ୍ୱାରା ସର୍ବାଙ୍ଗ



ଚନ୍ଦନ ଲାଗି ବଢ଼ି ବେଶ ବଢ଼ିଥିଲା । ଉକ୍ତ ବେଶରେ ନୂଆ ବୋଇରାଣି ପତନି ଲାଗି ସହିତ ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇଥିଲା । ଏହାପରେ ସୁଦୁସୁଆର ପ୍ରସ୍ତୁତ କରିଥିବ । ବଡ଼ବାଡ଼ରେ ଷଷ୍ଠିମାର୍କଣ୍ଡୀ ପୂଜା ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତଙ୍କ ଦ୍ୱାରା ସମାପନ ହେବା ପରେ ବଡ଼ବାଡ଼ ତଥା ମହାପ୍ରଭୁଙ୍କ ବାଡ଼ରେ ସୁନା ଲାଗିଥିବା ପାଟରାକ୍ଷୀ ଲାଗି ହୋଇଥିଲା । ଏହାପରେ ପାଣିପଡ଼ି ମଧ୍ୟାହ୍ନ ଧୂପ ଅନୁଷ୍ଠିତ ହୋଇ ପାଣିପଡ଼ିଲା ପରେ ବଡ଼ବାଡ଼ରେ ମଙ୍ଗଳାର୍ପଣ ନୀତି ବଢ଼ିଥିଲା । ଝୁଲଣକୁ ଦିଅଁ ବିଜେ ପରେ ଦଇତାପତିମାନେ ସିଂହାସନକୁ ଆସି ଶ୍ରୀସୁଦର୍ଶନ ମହାପ୍ରଭୁଙ୍କୁ ଚଉଦୋଳକୁ ବିଜେ କରାଇଥିଲେ । ଶ୍ରୀସୁଦର୍ଶନ ଝୁଲଣ ମଣ୍ଡପ ଠାରେ ଚୂଳ, ମାଳ ଲାଗି ସହିତ ସୁନା ହରିଡ଼ା ମାଳି ଲାଗି ହୋଇ ମାର୍କଣ୍ଡ ପୁଷ୍କରିଣୀ କୂଳରେ ଥିବା ଜହ୍ନିମୁଣ୍ଡିଆକୁ ବିଜେ ହୋଇଥିଲେ । ସେଠାରେ ସୁଦୁସୁଆର ଚିକିଟା ମାଟିରେ ବଳଭଦ୍ର ପ୍ରତିମା ତିଆରି କଲା ପରେ ପୂଜାପଣ୍ଡା ନ୍ୟାସ କରି ବିଧିମୁତାବକ ଜାତକର୍ମ କରିଥିଲେ । ପରେ ପାଣିପଡ଼ି ଶୀତଳ ଭୋଗ ସରିଲା ପରେ ମୁଦିରସ୍ତ ବନ୍ଦାପନା କରିଥିଲେ ଏବଂ ମାଟି ପ୍ରତିମାକୁ ମାର୍କଣ୍ଡ ପୁଷ୍କରିଣୀରେ ବିସର୍ଜନ କରିସାରିଲା ପରେ ଶ୍ରୀସୁଦର୍ଶନ ଅନ୍ୟ ତିନି ଆଶ୍ରମକୁ ବିଜେ କରି ସେଠାରେ ବନ୍ଦାପନା, ଶୀତଳ ଭୋଗ ହୋଇ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ । ●

*ପୂର୍ବ ପ୍ରକାଶିତ ଉତ୍ତାରୁ...*

# ସ୍ୱତ୍ୱଲିପିରେ ଶ୍ରୀମନ୍ଦିର ନୀତି

## ଦ୍ୱାଦଶ ଯାତ୍ରା ଓ ଅନ୍ୟାନ୍ୟ ପର୍ବପର୍ବାଣୀ : (୧୫)



### ଭାଦ୍ରବ ଶୁକ୍ଳ ଚତୁର୍ଦ୍ଦଶୀ
### (ଗଣେଶ ପୂଜା)

ଏ ଦିନ କୃଷ୍ଣଜନ୍ମ ଯାତ୍ରା ପାଳିତ ହେବ । ସନ୍ଧ୍ୟାଧୂପ ସରିବା ପରେ ବଟ ଗଣେଶ, ତଳିଛ ମହାପାତ୍ର ଓ ଭିତରଛଙ୍କ ଗଣେଶ ଠାରେ ଭୋଗ ବନ୍ଦାପନା ଓ ଶୀତଳ ଭୋଗ ହେବ । ତାପରେ ସରସ୍ୱତୀଙ୍କ ମନ୍ଦିରଠାରେ ଭୁବନେଶ୍ୱରୀଙ୍କ ପାଖରେ ଶୀତଳ ଭୋଗ ବନ୍ଦାପନା ହୁଏ ଓ ମୂଳିଆ ସୁଆଁସିଆ ଦେଇଥିବା ଭଦ୍ରାସନ ଉପରେ ବେହେରଣ କରଣମାନଙ୍କ ମାଦଳା ପାଞ୍ଜି ରଖଯାଇ ପତନି ଓ ମାଳା ଲାଗି ହୋଇ ଶୀତଳ ଭୋଗ ଲାଗି ହୋଇ ବନ୍ଦାପନା ସରିବା ପରେ ରାଜା ସୁପରିଣ୍ଟେଣ୍ଡେଣ୍ଟ ଯୋଗାଇଥିବା ୨୨ଟି ନଡ଼ିଆ ଉକ୍ତ କରଣମାନେ ଭାଙ୍ଗନ୍ତି ।

### ୧୬ ଓ ୧୩ - (ଡ଼) ଭାଦ୍ରବ ଶୁକ୍ଳ ପଞ୍ଚମୀ
### (ଋଷିପଞ୍ଚମୀ ବ୍ରତ ଓ ଦାହଲୀଳା)

ସକାଳ ଧୂପ ବଢ଼ିବା ଉତ୍ତାରେ ମହାଲକ୍ଷ୍ମୀ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇ ସାତ ପାହାଚଠାରେ ଥିବା ପାଲିଙ୍କିରେ ମାର୍କଣ୍ଡେଶ୍ୱରଠାକୁ ବିଜେ କରିବେ । ମହାଜନେ ହାତରେ ବିଜେ କରାଇନେଇ ମାର୍କଣ୍ଡଙ୍କ ଭିତର ବେଢ଼ାଠାରେ ବିଜେ କରାଇବେ । ସେଠାରେ ମାଜଣା, ବନକ ଲାଗି ନୀତି ପରେ ଏହାଙ୍କ ଛାମୁରେ ପଣ୍ଡା ଋଷି ପଞ୍ଚମୀ କଥା ବ୍ୟାଖ୍ୟାନ କଲା ପରେ ଶୀତଳ ଭୋଗ ବନ୍ଦାପନା ବଢ଼ି ସିଂହାସନକୁ ବାହୁଡ଼ା ବିଜେ କରିବେ । ଏହିଦିନ ସନ୍ଧ୍ୟାଧୂପ ବଢ଼ିବା ଉତ୍ତାରେ ଦକ୍ଷିଣଘରୁ ମଦନମୋହନ ବିଜେ ହୋଇ ଆଜ୍ଞାମାଳ ପାଇ ନାଟପା ମଣ୍ଡପ ଖଟ ଉପରେ ବିଜେ ହେବେ । ଗଉଡ଼ବାଡ଼ ସାହି ଲୋକେ ଏହାଙ୍କ ଛାମୁରେ ଦାହଲୀଳା ପ୍ରସ୍ତାବ (ଅର୍ଥାତ୍ ଦାହଲୀଳା ନାଟକ କଲାପରେ ଶୀତଳ ଭୋଗ ବନ୍ଦାପନା ହୋଇ ବାହୁଡ଼ା ବିଜେ କରିବେ ।

### (୧୩)- (ଢ଼) ଭାଦ୍ରବ ଶୁକ୍ଳ ଷଷ୍ଠୀ ଓ ସପ୍ତମୀ
### (କୃଷ୍ଣ ଲୀଳା)

ସନ୍ଧ୍ୟା ଧୂପ ପରେ ମଦନମୋହନ ନାଟପା ମନ୍ଦିର ଖଟ ଉପରେ ବିଜେ କଲେ ମାର୍କଣ୍ଡେଶ୍ୱର ସାହି ଲୋକେ ବିମ୍ଭାସୁର ବଧ ପ୍ରସ୍ତାବ କରିବେ । ପୂର୍ବଦିନମାନଙ୍କ ପରି ଶୀତଳ ଭୋଗ ବନ୍ଦାପନା ହୋଇ ଫେରିବେ । ସେହିପରି ସପ୍ତମୀ ଦିନ କାଳୀକାଦେବୀ, ସାହିଲୋକେ କେକେଶି ବଧ ପ୍ରସ୍ତାବ କରିବେ, ଅର୍ଥାତ୍ କେକେଶି ବଧ ଲୀଳା କରିବେ ।

### (୧୭)-ଭାଦ୍ରବ ଶୁକ୍ଳ ଅଷ୍ଟମୀ
### (ରାଧାଷ୍ଟମୀ)

ଏ ଦିନ ସକାଳ ଧୂପ ସରିବା ପରେ ଲକ୍ଷ୍ମୀ ଠାକୁରାଣୀ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇ ସାତପାହାଚ ଦ୍ୱାର ବାଟେ ଥିବା ପାଲିଙ୍କିରେ ବିଜେ କରି ଯାଇ ଲକ୍ଷ୍ମୀଙ୍କ ଦେଉଳର ଜଗମୋହନରେ ପଡ଼ିଥିବା ଖଟ ଉପରେ ବିଜେ କରିବେ । ଏଠାରେ ମାଜଣା ଓ ଶୀତଳଭୋଗ ହୋଇ ବନ୍ଦାପନା ହେବ । ଭିତରେ ମଧ୍ୟାହ୍ନ ଧୂପ ଉଠିଲେ ଲକ୍ଷ୍ମୀ ସିଂହାସନ ଉପରକୁ ବିଜେ କରିବେ, ଭୋଗସରି ପାଣି ପଡ଼ିବା ଉତ୍ତାରେ ପଶୁପାଳକମାନେ ଲକ୍ଷ୍ମୀ ସରସ୍ୱତୀଙ୍କୁ ହାତରେ ବିଜେ କରାଇ ଆଣି ଖଟ ଶେଯ ଘରେ ବିଜେ କରାଇବେ । ତାପରେ ଦଇତାପତିମାନେ ସୁଦର୍ଶନଙ୍କୁ ପଣ୍ଡା ଶ୍ରୀଅଙ୍ଗରୁ ଆଜ୍ଞାମାଳ ଦେବା ପରେ ହାତରେ ବିଜେ କରାଇଆଣି ଜଗମୋହନ ଚଉଦୋଳରେ ବିଜେ କରାଇବେ । ଏଠାରେ ରୁନ୍ଧାବଢ଼ି ପାଟପତନୀ ଲାଗି ହୋଇଲା ଉତ୍ତାରେ ବିମାନବଡୁମାନେ ଚଉଦୋଳ ଝୁଲଣ ମଣ୍ଡପଠାକୁ ନେବେ । ସେଠାରେ ସୁନା ହରିଡ଼ାମାଳ, କମରପଟା ଓ ଦୟଣାମାଳି ଦେଇଥିବା ଚୂଳ ଲାଗି ହୋଇ ବଡ଼ଦେଉଳ ବେଢ଼ାଏ ବୁଲି ଶ୍ରୀଜମ୍ବେଶ୍ୱରଙ୍କ ଜହ୍ନିମୁଣ୍ଡିଆ ଉପରେ ବିଜେ କରିବେ । ଏଠାରେ ପ୍ରସାଦ ଲାଗି ହୋଇ ଶୀତଳଭୋଗ ବନ୍ଦାପନା ହୋଇ ସିଂହାସନକୁ ବାହୁଡ଼ା ବିଜେ କରିବେ । ପାଳିଆମେକାପ ସିଂହାସନ ପୋଛା ସରିଲାପରେ ଛରିବାଡ଼ରେ ମହାସ୍ନାନ ବଢ଼ିବ ଓ ପାଳିଆ ପଶୁପାଳକ ଲକ୍ଷ୍ମୀ ସରସ୍ୱତୀଙ୍କୁ ଖଟ ଶେଯ ଘରୁ ନେଇ ସନ୍ଧ୍ୟା ଆଳତୀ ବେଶ ବଢ଼ାଇ ଆଳତୀ କରନ୍ତି । ସନ୍ଧ୍ୟା ଧୂପ ପରେ ଛରି ଜଣ ପଣ୍ଡା ପୂଜା କରନ୍ତି ଓ ସୁଦର୍ଶନଙ୍କ ବାଡ଼ରେ ପ୍ରସାଦଲାଗି ହୁଏ । ଏ ଭୋଗ ପରେ ବନ୍ଦାପନା ହୁଏ ।

### (୧୩)- (ଣ) ଭାଦ୍ରବ ଶୁକ୍ଳ ଦଶମୀ
### (କୃଷ୍ଣଲୀଳା, ଲବଣିଖିଆ, ମଥୁରାହାଟ ଜୁର ଇତ୍ୟାଦି)

ଏହିଦିନ ମଧ୍ୟାହ୍ନ ଧୂପ ପରେ ଭିତରେ ପାଣି ପଡ଼ିବା ଉତ୍ତାରେ ଦକ୍ଷିଣିଘର ଭୋଗ ସରି ମହାଜନେ ରାମକୃଷ୍ଣ ଦୁଇଦେବଙ୍କୁ ଭିତର ସିଂହାସନକୁ ନେଇ ଆଜ୍ଞାମାଳ ଲାଗି କରାଇ ବଟଦୁଆରେ ଥିବା ପାଲିଙ୍କିରେ ବିଜେ କରାନ୍ତି ଓ ବିମାନବଡୁ ପାଲିଙ୍କି କୁଣ୍ଢାଇବେଣ୍ଟ ସାହିରେ ଥିବା ଲବଣୀଖିଆ ଠାକୁ ବିଜେ କରାନ୍ତି । ବାଟରୁ ମହାଭୋଇ ଘର ବୋହୂମାନେ ଆସି ଅର୍ଘ୍ୟ ବନ୍ଦାପନା କରି ପାଛୋଟି ନେଇ ଲବଣୀଖିଆ ଖଟ ଉପରେ ବିଜେ କରାନ୍ତି ।



ମହାଭୋଇ ଏଠାରେ ସର, ଲବଣୀ, ମାଖନ ଭୋଗ କଲା ଉତ୍ତାରେ ତାହାଙ୍କର ବୋହୂମାନେ ବନ୍ଦାପନା କରନ୍ତି ଓ ଶୀତଳଭୋଗ ବଢ଼ି ଭିତରଛୁ ମହାପାତ୍ରେ ବନ୍ଦାପନା କଲା ଉତ୍ତାରେ ବିମାନକୁ ବିଜେ ହୋଇ ଜଗନ୍ନାଥବଲ୍ଲଭ ସାମନା ମହାଖଳା ଠାରେ ଅକ୍ରୁର ପ୍ରସ୍ତାବ ହୁଅଇ । ଅଳ୍ପ ବାଟ ପରେ ରଜକ ପ୍ରସ୍ତାବ, ଧନୁଘର ପ୍ରସ୍ତାବ ଓ ମଲ୍ଲଯୁଦ୍ଧ ପ୍ରସ୍ତାବ ହୁଅଇ । ଶ୍ରୀନଅର ସାମନାରେ ଘଟୁଆରି କୁବୁଜା ବେଶ ସାଜି ଡାଲାରେ ଖଇର, ଗୁଆ ଆଣି ଭୋଗ କରନ୍ତି । ପଣ୍ଡା ଜଣେ ଶୀତଳଭୋଗ ମଣୋହି କରାଇବା ପରେ ରକ୍ଷକ ପ୍ରସ୍ତାବ ଓ ମଥୁରାହାଟ ଯୁର ହୁଏ । ଏଠାରୁ ବିଜେ କରି ଆସି ସିଂହଦ୍ୱାର ଲକ୍ଷିଉଦର ଆଗେ କାଠ ସିଂହାସନ ଖଟ ଉପରେ ପାଲିଙ୍କି ସହିତ ବିଜେ ହେଲେ କୁବଳୟା ଗଜ ପ୍ରସ୍ତାବ, କଂସବନ୍ଧ ପ୍ରସ୍ତାବ ହୁଅଇ । ଉଗ୍ରସେନ ବେଶରେ ଥିବା ଜଣେ ଲୋକକୁ ଶାଢ଼ି ଦିଆଯାଏ । ଶୀତଳଭୋଗ ଓ ବନ୍ଦାପନା ହୋଇ ବାହୁଡ଼ା ବିଜେ ହୁଅନ୍ତି ।

## ଜାଣିବା କଥା ... ଅଣାକ୍ଷର

**ପ୍ରଶ୍ନ ଓ ଉତ୍ତର :**

୧. ପ୍ର- ଶ୍ରୀକ୍ଷେତ୍ରରେ ଶ୍ରୀମହାପ୍ରଭୁଙ୍କର 'ଆଶ୍ୱିନ ଗୁଣ୍ଡିଚ୍ଛ' କହିଲେ କ'ଣ ବୁଝାଏ ?

ଉ - ଏହା ଶାକ୍ତ ଗୁଣ୍ଡିଚ୍ଛ ବା ଗୁପ୍ତ ଗୁଣ୍ଡିଚ୍ଛ ନାମରେ ପରିଚିତ । ଶରତକାଳୀନ ଦୁର୍ଗାମାଧବଙ୍କ ରଥଯାତ୍ରା । ଦୋଳମଣ୍ଡପ ସାହିସ୍ଥ ନାରାୟଣୀ ମନ୍ଦିରକୁ ଶ୍ରୀଦୁର୍ଗାମାଧବ ବିଜେ ହୁଅନ୍ତି ।

୨. ପ୍ର - ଶ୍ରୀମନ୍ଦିର ପରିସରରେ 'ଆସ୍ଥାନ'ର ଭୂମିକା କ'ଣ ?

ଉ - ଆସ୍ଥାନର ଅର୍ଥ- ମଣ୍ଡପ । ଦେବଦେବୀଙ୍କର ଉପବେସନ ପୀଠ । ଆସନ, ଅଧିଷ୍ଠାନ, ସିଂହାସନ, ବସିବା ସ୍ଥାନ, ଆସ୍ଥା, ବିଶ୍ୱାସ, ନିର୍ଭର, ଆଶ୍ରୟ । ରାଜା ବା ମହାରାଜାମାନେ ଯେଉଁଠାରେ ପ୍ରଜାଦିଙ୍କ ଗୁହାରୀ ଶୁଣନ୍ତି । କଚେରୀ ଘର, ପ୍ରତିମାଦି ବସିବାର ପ୍ରଧାନ ସ୍ଥାନ । ଏହା ଶ୍ରୀମନ୍ଦିର ପାକଶାଳାରେ ଏକ ଉଦ୍ଦିଷ୍ଟ ଚୁଲି ପାଖରେ ସାହାଣ ପଥରରେ ତିଆରି ସ୍ଥାନ । ଯେଉଁଠାରେ ଉପକରଣ ପ୍ରସ୍ତୁତ ହୁଏ ।

୩. ପ୍ର - ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ କାହିଁକି 'ଇଚ୍ଛାମୟ' କୁହାଯାଏ ?

ଉ - ଇଚ୍ଛା ପରିପୂର୍ଣ୍ଣକାରୀ ଶ୍ରୀଜଗନ୍ନାଥଙ୍କୁ ଇଚ୍ଛାମୟ ରୂପେ ବର୍ଣ୍ଣନା କରାଯାଇଛି ।

୪. ପ୍ର - ଶ୍ରୀଜଗନ୍ନାଥ ଓ ଶ୍ରୀମନ୍ଦିର ସହିତ 'ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ'ର ପୌରାଣିକ ଓ ଆଧ୍ୟାତ୍ମିକ ସମ୍ପର୍କ କ'ଣ ?

ଉ - ପୁରୀରେ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ଖୋଳା ହୋଇଥିବା ପୁଷ୍କରିଣୀ । ସ୍କନ୍ଦ ପୁରାଣରେ ଏହାକୁ 'ଅଶ୍ୱମେଧାଙ୍ଗ ସର' ବୋଲି କୁହାଯାଇଛି । ଇନ୍ଦ୍ରଦ୍ୟୁମ୍ନଙ୍କ ସହସ୍ର ଅଶ୍ୱମେଧ ଯଜ୍ଞର କର୍ମାଙ୍ଗ ଦାନ ନିମନ୍ତେ ଉଦ୍ଦିଷ୍ଟ କୋଟି କୋଟି ଗୋଧନଙ୍କ ଖୁରା ଘାତରେ ଏହାର ସୃଷ୍ଟି । ଦାନ ନିମନ୍ତେ ସଂକଳ୍ପ ଜଳ ଅନ୍ୟତ୍ର ଗୋମୂତ୍ରରେ ପୂର୍ଣ୍ଣ ହୋଇ ଏହା ପୁଷ୍କରିଣୀ ରୂପ ନେଇଛି ବୋଲି ଏଥିରେ କୁହାଯାଇଛି । ଶ୍ରୀମନ୍ଦିର ନିର୍ମାଣ ବେଳେ ପଥର ବୋହିଥିବା ମୂଳିଆମାନେ ପଥର ବୋହି ବୋହି କୂର୍ମ ହୋଇ ଏଠାରେ ଅଛନ୍ତି ବୋଲି 'ଦେଉଳତୋଳା' ଗ୍ରନ୍ଥରେ ଉଲ୍ଲେଖ ଅଛି ଗୁଣ୍ଡିଚ୍ଛ ମନ୍ଦିରର ଐଶାନ୍ୟକୋଣରେ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ ଅବସ୍ଥିତ ।

*ସୌଜନ୍ୟ- ଶ୍ରୀମନ୍ଦିର ଶବ୍ଦକୋଷ- ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର*

*ଯୁଗେ ଯୁଗେ ରଥଯାତ୍ରା .....*

## ୧୯୧୨ ମସିହା ପୁରୀ ରଥଯାତ୍ରା

(ଭାଗ-୪୭-ସଂଖ୍ୟା ୩୧ - ତା. ୩ ରିଖ, ଅଗଷ୍ଟ)

ଦୁଇଦିନ ଜଗମୋହନରେ ବିରାଜମାନ ହେବାପରେ ଗତ ତା.୬ରିଖ ଶୁକ୍ରବାର ପୂର୍ବାହ୍ଣ ଘ୮ଣ୍ଟା ସମୟେ ଠାକୁରମାନେ ବାହୁଡ଼ା ବିଜୟ କରି ଘ୧୧ଣ୍ଟା ଠାରେ ରଥାରୋହଣ କଲେ । କିଛିକ୍ଷଣ ପରେ ରଥମାନଙ୍କରେ ଦଉଡ଼ି ଲାଗି ଆଗପଛ ହୋଇ ତିନି ରଥଟଣା ହୋଇଥିଲା । ଅପରାହ୍ଣ ଘ୫ଣ୍ଟା ସମୟ ମଧ୍ୟରେ ତିନି ରଥ ସିଂହଦ୍ୱାରରେ ଲାଗିଲେ ଘ୪୲ଣ୍ଟା ସମୟେ ଶ୍ରୀଜଗନ୍ନାଥଦେବଙ୍କ ରଥ ରାଜବାଟିର ସମ୍ମୁଖୀନ ହୁଅନ୍ତେ ସେହିଠାରେ ଲକ୍ଷ୍ମୀ ନାରାୟଣ ଭେଟ ହେଲା । ଏ ଦିନ ରଥଯାତ୍ରା ଶେଷ ହେଉଥିବାରୁ ମୋଫସଲରୁ ଅନେକ ଚୂଡ଼ା, ଉଖୁଡ଼ା ଓ ପେଡ଼ି ଆସିଥିଲା ଏବଂ ଅଧିକାଂଶ ମୋଫସଲୀ ଲୋକ ଆସିଥିଲେ ପଶ୍ଚିମା ସମେତ ଏ ଦିନ ଲୋକସଂଖ୍ୟା ୪୦ ହଜାରରୁ ଊଣା ନଥିଲା । ତା୨୭ରିଖ ଶନିବାର ବିଶ୍ରାମ । ତା୨୮ରିଖ ରବିବାର ଅପରାହ୍ଣ ଘ୧୦ଣ୍ଟା ସମୟ ଠାକୁରମାନେ ପହଣ୍ଡି ବିଜେ କରି ରାତ୍ର ଘ୭ଣ୍ଟା ସୁଦ୍ଧା ଶ୍ରୀମନ୍ଦିର ରତ୍ନ ସିଂହାସନାଧିଷ୍ଠିତ ହେଲେ । ତେର ଦିନରେ ରଥଯାତ୍ରା ଶେଷ ହେଲା ।

ଓଲାଉଠା ବନ୍ଦ ନାହିଁ । ଯାତ୍ରୀ ଚାଲିଯିବାରୁ ସହରର ଚାରିଆଡ଼େ ଅଳ୍ପାଧିକ ଓଲାଉଠା ଲାଗିଅଛି । ରଥଚଳା, ପହଣ୍ଡି ଓ ଲାଟ ସାହେବଙ୍କ ଶୁଭାଗମନ ଦିନ ଛଡ଼ା ଏ ସପ୍ତାହରେ ଅନ୍ୟାନ୍ୟ ଦିନ ଊଣା ଅଧିକ ବର୍ଷା ହୋଇଥିଲା ।



## ୧୯୧୩ ମସିହା ପୁରୀ ରଥଯାତ୍ରା

(ଭାଗ-୪୮-ସଂଖ୍ୟା ୨୭ - ତା. ୪ ରିଖ, ଜୁଲାଇ)


ଗତ ଏକାଦଶୀଠାରୁ ପ୍ରତିଦିନ ସ୍ପେଶାଲ ଟ୍ରେନ ଆସୁଅଛି । ବଙ୍ଗାଳି ଯାତ୍ରି ସଂଖ୍ୟା ଦିନ ୨ ବଢୁଅଛି । ଏ ପର୍ଯ୍ୟନ୍ତ ସମସ୍ତ ପାଶ ଘର ପୂର୍ଣ୍ଣ ହୋଇ ନଥିବାରୁ ଠିକା ସାପ୍ତାହିକ ପାଶର ଅନୁମତି ହୋଇଅଛନ୍ତି । ଗତ ବର୍ଷପରି ସ୍ଥାନେ ୨ ଆସ୍ଥାୟି ପାଣିକଳ ବସିଅଛି । ରଥ ନିର୍ମାଣ ଓ ମଣ୍ଡନ କାର୍ଯ୍ୟ ଶେଷ ହୋଇଅଛି । ରଥର ସାଜସଜ୍ଜାରେ କୌଣସି ବ୍ୟାଘାତ ହୋଇନାହିଁ ।

ଗତ ତା୨ରିଖ ବୁଧବାର ଶେଷ ରାତ୍ରର ଅନବସର ଟାଟି ଫିଟି ଶ୍ରୀଜିଉଙ୍କର ନବଯୌବନ ଦର୍ଶନ ଆରମ୍ଭ ହୋଇଥିଲା । ଭିଡ଼ ନିବାରଣ ଦର୍ଶନର ସୁବିଧା ସକାଶେ ପୂର୍ବପରି ସିଂହଦ୍ୱାର ଅରୁଣସ୍ତମ୍ଭ ନିକଟରେ କାଠ ଘେରା ହୋଇଥିଲା ଏବଂ ଯାତ୍ରୀମାନଙ୍କୁ ସ୍ଥାନେ ୨ ରଖି ଭିତରକୁ ଛାଡ଼ିବାର ସୁବ୍ୟବସ୍ଥା ଦ୍ୱାରା ଦର୍ଶନାର୍ଥୀମାନଙ୍କର କୌଣସି ଅସୁବିଧା ଘଟି ନଥିଲା । ପରଦିନ ତା୩ରିଖ ଗୁରୁବାର ପୂର୍ବାହ୍ଣ ଘ୧୦ଣ୍ଟାକୁ ନବଯୌବନ ଦର୍ଶନ ବନ୍ଦ ହୋଇ ଶ୍ରୀଜିଉଙ୍କର ନେତ୍ରୋତ୍ସବ ବିଧି ଅନୁଷ୍ଠିତ ହୋଇଥିଲା ।

ସ୍ୱାସ୍ଥ୍ୟ ଭଲ ଅଛି । ଆଜି ପର୍ଯ୍ୟନ୍ତ ୨୦/୨୫ ହଜାର ଯାତ୍ରୀ ଆସିଅଛନ୍ତି । ଘରଭଡ଼ା ଜଣ ପ୍ରତି ଦୁଇତିନି ଟଙ୍କା ହୋଇଅଛି ।

## ସାଧକ ଶ୍ରେଷ୍ଠ ଶ୍ରୀ ରାୟ ରାମାନନ୍ଦ

ପୁରୀ ସହର ନିକଟବର୍ତ୍ତୀ ବେଣ୍ଟପୁର ଗ୍ରାମର ଶ୍ରୀ ରାୟ ରାମାନନ୍ଦ ଥିଲେ ପଞ୍ଚସଖା ସାଧକମାନଙ୍କର ଅଗ୍ରଗଣ୍ୟ ତଥା ରାଗାନୁଗା ପ୍ରେମଭକ୍ତିର ଶ୍ରେଷ୍ଠ ପ୍ରଚାରକ । ୧୫୦୨ ମସହିାରେ ତାଙ୍କର ଦ୍ୱାରା ରଚିତ 'ଶ୍ରୀଜଗନ୍ନାଥ ବଲ୍ଲଭ ନାଟକ' ଶ୍ରୀମନ୍ଦିରସ୍ଥ ନାଟମଣ୍ଡପ ଠାରେ ଅଭିନୀତ ହେବା ପରେ, ରାଜା ପ୍ରତାପରୁଦ୍ର ଦେବ ଅତ୍ୟନ୍ତ ଖୁସି ହୋଇ ତାଙ୍କୁ ନିଜ ହାତରେ ଧରିଥିବା ସୁବର୍ଣ୍ଣ ଛଡ଼ିଟିକୁ ପ୍ରଦାନ କରିବାସହ ରାଜମହେନ୍ଦ୍ରୀର ଶାସକ ଭାବରେ ନିଯୁକ୍ତ କରିଥିଲେ ।



ତତ୍‌କାଳୀନ ଓଡ଼ିଶାର ଦକ୍ଷିଣ ସୀମା ଗୋଦାବରୀ ନଦୀ ତଟସ୍ଥ ରାଜ ମହେନ୍ଦ୍ରୀ ସହ ଦାକ୍ଷିଣାତ୍ୟର ସାଂସ୍କୃତିକ ସଂପର୍କ ପ୍ରବଳ ଥିଲା । ଫଳରେ ରାୟ ରାମାନନ୍ଦ ସେଠାରେ ଅବସ୍ଥାନ ସମୟରେ ରାଜ୍ୟ ଶାସନସହ ପ୍ରେମଭକ୍ତି ସାଧନ ମାର୍ଗରେ ଗତି କରି ଜଣେ ଶ୍ରେଷ୍ଠ ସାଧକ ଭାବେ ପରିଚିତ ହୋଇ ଉଠିଥିଲେ । ୧୫୦୯ ମସିହାରେ ଶ୍ରୀଚୈତନ୍ୟ ଶ୍ରୀକ୍ଷେତ୍ର ଆସି ପ୍ରେମଭକ୍ତି ମାର୍ଗ ବିଷୟରେ ଜାଣିବାକୁ ଚାହିଁବାରୁ ସାର୍ବଭୌମ ତାଙ୍କୁ ଦାକ୍ଷିଣାତ୍ୟ ଭ୍ରମଣ କାଳରେ ରାମାନନ୍ଦଙ୍କ ସହିତ ସାକ୍ଷାତ କରିବାକୁ କହିଥିଲେ । ରାଜ ମହେନ୍ଦ୍ରୀ ଠାରେ ଉଭୟଙ୍କ ସାକ୍ଷାତ ପରେ ରାୟ ରାମାନନ୍ଦ ଦାସ୍ୟଭକ୍ତି, ସଖ୍ୟଭକ୍ତି, ବାତ୍ସଲ୍ୟ ଭକ୍ତି, କାନ୍ତା ଭାବ, ଭକ୍ତି ଏବଂ ପ୍ରେମ ଭକ୍ତି ସଂପର୍କରେ ତାଙ୍କୁ ଜ୍ଞାନ ପ୍ରଦାନ କରିଥିଲେ । ଏହାପରେ ରାମାନନ୍ଦଙ୍କୁ ନିଜର ଗୁରୁ ବୋଲି ସ୍ୱୀକାର କରି ଶ୍ରୀଚୈତନ୍ୟ କହିଥିଲେ-

'ରାମାନନ୍ଦ ହିଁ ମୋର ଗୁରୁ । କହେ ସନ୍ନ୍ୟାସୀ ମହାମେରୁ ।'

ରାୟ ରାମାନନ୍ଦଙ୍କ ଭକ୍ତି ଭାବ ଦେଖି ପ୍ରତାପରୁଦ୍ର ଦେବ ତାଙ୍କୁ ରାଜ ମହେନ୍ଦ୍ରୀରୁ ଫେରାଇ ଆଣି ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଦାୟିତ୍ୱ ପ୍ରଦାନ କଲେ । ରାୟ ରାମାନନ୍ଦ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ଠାରେ ଅବସ୍ଥାନ କରିବା ପରେ ଜଗନ୍ନାଥ ଦାସ, ବଳରାମ ଦାସ ଆଦି ପଞ୍ଚସଖା ସନ୍ଥ ଏବଂ କହ୍ନେଇ ଖୁଣ୍ଟିଆ, ଶ୍ରୀଚୈତନ୍ୟ, ସାର୍ବଭୌମ ଭଟ୍ଟାଚାର୍ଯ୍ୟ ପ୍ରଭୃତିଙ୍କୁ ନେଇ ଏକ ଇଷ୍ଟଗୋଷ୍ଠୀ ଗଠନ କଲେ । ଇଷ୍ଟଗୋଷ୍ଠୀଙ୍କ ସହାୟତାରେ ଜଗନ୍ନାଥ ବଲ୍ଲଭ ମଠରେ ପ୍ରତିଦିନ ଶାସ୍ତ୍ର ଆଲୋଚନା କରିବା ସହିତ ଶ୍ରୀମନ୍ଦିରର ଦେବଦାସୀମାନଙ୍କୁ ନୃତ୍ୟଗୀତ ଓ ଅଭିନୟ ଶିକ୍ଷା ଦେଉଥିଲେ ।

ଇଷ୍ଟ ଗୋଷ୍ଠୀଙ୍କ ପାଖକୁ ରୂପ ଗୋସ୍ୱାମୀ, ଜୀବ ଗୋସ୍ୱାମୀ, ସନ୍ଥ କବୀର ପ୍ରଭୃତି ଆସି ଭକ୍ତି ଧର୍ମ ଉପରେ ଆଲୋଚନା କରି ରାୟରାମାନନ୍ଦଙ୍କ ପାଣ୍ଡିତ୍ୟକୁ ସ୍ୱୀକାର କରୁଥିଲେ । ଶ୍ରୀ ରାୟରାମାନନ୍ଦଙ୍କ ପ୍ରେରଣାରେ ଇଷ୍ଟ ଗୋଷ୍ଠୀର ସଦସ୍ୟମାନେ ୧୫୨୦ ମସିହାରୁ ଶ୍ରୀଚୈତନ୍ୟଙ୍କ ମୃତ୍ୟୁ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବରେ ୧୨ ବର୍ଷ ଧରି ଓଡ଼ିଶୀ ସଂକୀର୍ତ୍ତନର ପ୍ରଚାର ସାରା ଓଡ଼ିଶାରେ କରିଥିଲେ । ଏହି ସଂକୀର୍ତ୍ତନ ଯାତ୍ରା ଶ୍ରୀଜଗନ୍ନାଥଙ୍କ ଅଣସର ସମୟରୁ ଅଲାରନାଥଙ୍କ ଠାରୁ ଆରମ୍ଭ ହେଉଥିଲା । ଏହି ସମୟରେ ଇଷ୍ଟ ଗୋଷ୍ଠୀର ସଦସ୍ୟମାନେ ରାୟ ରାମାନନ୍ଦଙ୍କ ଗୃହ ବେଣ୍ଟପୁର ଠାରେ ଅବସ୍ଥାନ କରୁଥିଲେ । ରାୟ ରାମାନନ୍ଦଙ୍କ ବୈଷ୍ଣବୀୟ ବିନୟ ଭାବ ପଞ୍ଚସଖା ତଥା ଶ୍ରୀଚୈତନ୍ୟଙ୍କୁ ମୁଗ୍ଧ କରିଥିଲା । ଇଷ୍ଟ ଗୋଷ୍ଠୀଙ୍କର ସନ୍ଥ ଭାବରେ ସେ ମୁଖ୍ୟ ଭାବରେ ବସୁଥିଲେ ମଧ୍ୟ କୌଣସି ଠାରେ ନିଜ ନେତୃତ୍ୱ ପ୍ରତିଷ୍ଠା କରୁନଥିଲେ । ଦୁଃଖର ବିଷୟ ୧୫୩୩ ମସିହାରେ ଶ୍ରୀଚୈତନ୍ୟ ଓ ବଳରାମ ଦାସଙ୍କ ମୃତ୍ୟୁରେ ରାମାନନ୍ଦ ଭାଙ୍ଗି ପଡ଼ି ସେହି ବର୍ଷ ଭାଦ୍ରବ କୃଷ୍ଣ ଅଷ୍ଟମୀରେ ବ୍ରହ୍ମଲୀନ ହୋଇଗଲେ ।

*ସୁନୀଲ ରଥ*

*ଅବସରପ୍ରାପ୍ତ ରିଡର- ଉପର ନୂଆ ସାହି, ପୁରୀ*

# ଶ୍ରୀଜଗନ୍ନାଥଙ୍କ ଅନନ୍ୟ ଭକ୍ତ ନୀଳାମ୍ବର ଦାସ

ଉତ୍ତରାଖଣ୍ଡ ରାଜ୍ୟରେ ନୀଳାମ୍ବର ଦାସ ନାମକ ଜଣେ ବ୍ରାହ୍ମଣ ନିଜ ପରିବାର ସହ ବାସ କରୁଥିଲେ । ସେ ଶାସ୍ତ୍ରଜ୍ଞ, ଜିତେନ୍ଦ୍ରିୟ ଏବଂ ସଦାଚାରୀ ଥିଲେ, ପ୍ରତ୍ୟହ ସେ ନୀଳାଚଳ ନାଥ ଶ୍ରୀଜଗନ୍ନାଥଙ୍କ ଭଜନ ଓ କୀର୍ତ୍ତନ କରୁଥିଲେ । ଏକଦା ସଂସାରର ନଶ୍ୱରତା ଏବଂ ମନୁଷ୍ୟ ଜୀବନର କ୍ଷଣଭଙ୍ଗୁରତା ଚିନ୍ତାକରି ସେ ବିଚଳିତ ହେଲେ । ଦର୍ଶନ ମାତ୍ରେ ମୁକ୍ତି ଏବଂ ସର୍ବତୀର୍ଥଫଳ ପ୍ରଦାନ କରୁଥିବା ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ସେ କ୍ଷେତ୍ରରାଜ ଶ୍ରୀପୁରୁଷୋତ୍ତମଙ୍କୁ ଯାତ୍ରା କରି ନିଜର ଅଶେଷ ଜନ୍ମର ପାପ ନାଶ କରିବାକୁ ଚିନ୍ତା କଲେ, ଶ୍ରୀଜଗନ୍ନାଥ ହେଉଛନ୍ତି କଳିଯୁଗର ଏକମାତ୍ର ଗତିମୁକ୍ତି ଦାତା । ତାଙ୍କ ଦର୍ଶନ ବିନା ମନୁଷ୍ୟ ଜୀବନ ବ୍ୟର୍ଥ । ସଂସାରର ଧନ, ଜନ, ପୁତ୍ର ଦ୍ୱାରା ଆଦି ମାୟା, ନୀଳାମ୍ବରଙ୍କ ମନରେ ବୈରାଗ୍ୟ ଉଦୟ ହେଲା । ସେ ସବୁ କିଛି ତ୍ୟାଗ କରି ନିଜ ପାଥେୟ ଗୋଟିଏ ଗଣ୍ଠିଲିରେ ବାନ୍ଧି ସୁଦୂର ଶ୍ରୀକ୍ଷେତ୍ର ଅଭିମୁଖେ ବାହାରିଲେ ।



ଶ୍ରୀଜଗନ୍ନାଥଙ୍କ ନାମଲୀଳା ସ୍ମରଣ କରି ସେ ବନ ପର୍ବତ ଅତିକ୍ରମ କରି ଗଙ୍ଗା ତୀରରେ ପହଞ୍ଚିଲେ । ସେତେବେଳକୁ ଗଙ୍ଗାନଦୀ ଦୁଇ କୂଳ ଲଙ୍ଘନ କରି ଭୟଙ୍କର ରୂପ ଧାରଣ କରିଥିଲା । ଜନଶୂନ୍ୟ ନଦୀ ଘାଟରେ ନୌକା ନ ଥିବାରୁ ସେ କିପରି ପାର ହେବେ ଚିନ୍ତା କରିବା ସମୟରେ କିଛି ଦୂରରେ ଜନୈକ କୈବର୍ତ୍ତ ନାବ ଚଳାଇ ମାଛ ଧରୁଥିବାର ଦେଖିଲେ । ସେ ତାକୁ ଡାକି ନଦୀ ପାର କରିବାକୁ ଅନୁରୋଧ କଲେ । ପାରିଶ୍ରମିକ ଦେବାକୁ ମଧ୍ୟ ପ୍ରସ୍ତୁତ ହେଲେ । ନାବିକ ବ୍ରାହ୍ମଣଙ୍କ ଡଙ୍ଗାରେ ବସାଇବା ପରେ ତାର ମନକୁ ପାପ ଛୁଇଁଲା । ମଝି ନଈରେ ବ୍ରାହ୍ମଣକୁ ଠେଲି ଦେଇ ଗଣ୍ଠିଲିଟି ନେବା ପାଇଁ ଚିନ୍ତା କଲା । ଧୀବରକୁ ବିପରୀତ ଦିଗରେ ନୌକା ନେବାର ଦେଖି ବ୍ରାହ୍ମଣ ଏହାର କାରଣ ପଚାରିଲେ । ଧୀରବ ମନ କଥା ଶୁଣାଇ ଦେଲା, ବ୍ରାହ୍ମଣ ଜାଣିଲେ ତାଙ୍କ ମୃତ୍ୟୁ ସୁନିଶ୍ଚିତ । ତେଣୁ ସେ ଅତି କରୁଣ ଭାବରେ ତାଙ୍କୁ ରକ୍ଷା କରିବା ପାଇଁ ନୀଳାଚଳ ନାଥଙ୍କୁ ପ୍ରାର୍ଥନା କଲେ ।

ଶରଣରକ୍ଷଣ ମହାବାହୁ ଭକ୍ତର ଡାକ ଶୁଣିଲେ । ଲୀଳାମୟ ନୀଳାଦ୍ରୀଶ ମାୟାରେ ଗଙ୍ଗା କୂଳରେ କ୍ଷତ୍ରିୟ ବୀର ରୂପରେ କାଣ୍ଡ କୋଦଣ୍ଡ ଧାରଣ କରି ପହଞ୍ଚିଲେ । ସେ ସିଂହରଡି କରି ନାବିକକୁ ନାବ ଆଣିବା ପାଇଁ ସଂକେତ ଦେଲେ । ନାବିକ ହେଳା କରିବା ଦେଖି ଏକ ବାଣ ନିକ୍ଷେପ କଲେ ଯାହା ନାବରେ ପ୍ରଚଣ୍ଡ ଶବ୍ଦ କରି ବାଜିଲା । ତାହା ଦେଖି ନାବିକ ଭୟରେ ନୌକାକୁ ଆଣି କୂଳରେ ଲଗାଇଲା । ବିପ୍ର ନାବରୁ ଓହ୍ଲାଇଲେ । ଅତ୍ୟନ୍ତ କ୍ରୋଧରେ ମହାପ୍ରଭୁ ଧୀବରକୁ କହିଲେ ଯେ ସେ ରାଜାଙ୍କ ଦ୍ୱାରା ନିଯୁକ୍ତ କର୍ମଚାରୀ । ତାକୁ ଉଚିତ୍ ଦଣ୍ଡ ଦିଅନ୍ତି । ବିପ୍ରଙ୍କ ଠାରୁ ସବୁ କଥା ଶୁଣି ତାଙ୍କୁ ଯଥା ସ୍ଥାନରେ ପହଞ୍ଚାଇବା ପାଇଁ ସେ ଧୀବରକୁ ଆଦେଶ ଦେଲେ । ଧୀବର ବ୍ରାହ୍ମଣଙ୍କୁ ଘାଟରେ ଓହ୍ଲାଇ ଦେଇ ନିଜ ଘରକୁ ଫେରିଲା । ବିପ୍ର ମହାପ୍ରଭୁଙ୍କ କୃପା ଲାଭ କରି କୃତକୃତ୍ୟ ହେଲେ । ପରିଶେଷରେ ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ଦର୍ଶନ ଲାଭ କରି ଧନ୍ୟ ହେଲେ ।

*ଡ଼ଃ. ଶ୍ରୀନିବାସ ଆଚାର୍ଯ୍ୟ*
*ମିଶ୍ର ଲେନ୍, ମାର୍କଣ୍ଡେଶ୍ୱର ସାହି, ପୁରୀ*

## ସିଂହ ସଂକ୍ରାନ୍ତି ମାସର ବିଶିଷ୍ଟ ଦିବସ

| | |
|---|---|
| ତା. ୧୭.୦୮.୧୯ ରିଖ ଶନିବାର | ଶ୍ରୀମନ୍ଦିରରେ ସିଂହ ସଂକ୍ରାନ୍ତି |
| ତା. ୨୧.୦୮.୧୯ ରିଖ ବୁଧବାର | ଶ୍ରୀମନ୍ଦିରରେ ରାହୁରେଖା ଲାଗି । |
| ତା. ୨୨.୦୮.୧୯ ରିଖ ଗୁରୁବାର | ଶ୍ରୀମନ୍ଦିରରେ ଗର୍ଭଉଦକ ବନ୍ଦାପନା, ଯେଉଡ଼ ଭୋଗ |
| ତା. ୨୩.୦୮.୧୯ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ ଜନ୍ମାଷ୍ଟମୀ |
| ତା. ୨୪.୦୮.୧୯ ରିଖ ଶନିବାର | ଶ୍ରୀମନ୍ଦିରରେ ନନ୍ଦୋତ୍ସବ |
| ତା. ୨୫.୦୮.୧୯ ରିଖ ରବିବାର | ଶ୍ରୀମନ୍ଦିରରେ ବନଭୋଜୀ ବେଶ, କୋଳିବିକା ଓ ବକାସୁର ବଧ ପ୍ରସ୍ତାବ, ଅର୍ଦ୍ଧାସୁର ବଧ ପ୍ରସ୍ତାବ |
| ତା. ୨୬.୦୮. ୧୯ ରିଖ ସୋମବାର | ଶ୍ରୀମନ୍ଦିରରେ କାଳୀୟଦଳନ ଏକାଦଶୀ, ଧେନୁକାସୁର ବଧ ପ୍ରସ୍ତାବ |
| ତା. ୨୭.୦୮.୧୯ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ ପ୍ରଳମ୍ବାସୁର ବଧ ବେଶ |
| ତା. ୨୮.୦୮.୧୯ ରିଖ ବୁଧବାର | ଶ୍ରୀମନ୍ଦିରରେ କୃଷ୍ଣବଳରାମ ବେଶ |
| ତା. ୨୯.୦୮.୧୯ ରିଖ ଗୁରୁବାର | ଶ୍ରୀମନ୍ଦିରରେ ସାତପୁରୀ ତାଡ଼ ବିଜେ |
| ତା. ୩୦.୦୮.୧୯ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ ସାତପୁରୀ ଅମାବାସ୍ୟା ଓ ବସ୍ତ୍ରହରଣ ଲୀଳା |
| ତା. ୩୧.୦୮.୧୯ ରିଖ ଶନିବାର | ଶ୍ରୀମନ୍ଦିରରେ ଦାବାଗ୍ନି ଲୀଳା |
| ତା. ୦୧.୦୯.୧୯ ରିଖ ରବିବାର | ଶ୍ରୀମନ୍ଦିରରେ ନିକୁଞ୍ଜ ଲୀଳା ଓ ଅନ୍ଧ ଲୀଳା |
| ତା. ୦୨.୦୯.୧୯ ରିଖ ସୋମବାର | ଶ୍ରୀମନ୍ଦିରରେ ଶ୍ରୀଗଣେଶ ଚତୁର୍ଥୀ |
| ତା. ୦୩.୦୯.୧୯ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ ଋଷି ପଞ୍ଚମୀ ଓ ଦାହଲୀଳା |
| ତା. ୦୪.୦୯.୧୯ ରିଖ ବୁଧବାର | ଶ୍ରୀମନ୍ଦିରରେ ବିମ୍ବାସୁର ବଧ |
| ତା. ୦୫.୦୯.୧୯ ରିଖ ଗୁରୁବାର | ଶ୍ରୀମନ୍ଦିରରେ ଲଳିତା ସପ୍ତମୀ, କୁକୁଟୀ ବ୍ରତ ଓ କେକେଶି ବଧ |
| ତା. ୦୬.୦୯.୧୯ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ ରାଧାଷ୍ଟମୀ, ଶ୍ରୀସୁଦର୍ଶନ ଦେବଙ୍କ ଆଶ୍ରମ ବିଜେ |
| ତା. ୦୮.୦୯.୧୯ ରିଖ ରବିବାର | ଶ୍ରୀମନ୍ଦିରରେ କୃଷ୍ଣଲୀଳା, କଂସବଧ ପ୍ରସ୍ତାବ, ଲବଣୀଖିଆ ଏବଂ ମଥୁରାହାଟ ଜ୍ଜୁର |
| ତା. ୦୯.୦୯.୧୯ ରିଖ ସୋମବାର | ଶ୍ରୀମନ୍ଦିରରେ ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ ଓ ଇନ୍ଦ୍ରଧ୍ୱଜା ପୂଜା |
| ତା. ୧୦.୦୯.୧୯ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ ବାମନ ଜନ୍ମ ଓ ସୁନିଆଁ, ଗରୁଡ଼ ପାର୍ଶ୍ୱପରିବର୍ତ୍ତନ |
| ତା. ୧୧.୦୯.୧୯ ରିଖ ବୁଧବାର | ଶ୍ରୀମନ୍ଦିରରେ ବାମନ ବେଶ |
| ତା. ୧୨.୦୯.୧୯ ରିଖ ଗୁରୁବାର | ଶ୍ରୀମନ୍ଦିରରେ ଅନନ୍ତ ବ୍ରତ |
| ତା. ୧୪.୦୯.୧୯ ରିଖ ଶନିବାର | ଶ୍ରୀମନ୍ଦିରରେ ଇନ୍ଦ୍ରଗୋବିନ୍ଦ ବନ୍ଦାପନା, ଇନ୍ଦ୍ରହାତୀ ପ୍ରସ୍ତାବ |

**ଶ୍ରୀମନ୍ଦିର ନାଟମନ୍ଦିରରେ ସ୍ଥାପିତ 'ହୁଣ୍ଡି' ରେ ମୁକ୍ତ ହସ୍ତରେ ଦାନ କରନ୍ତୁ ।** *ଶ୍ରୀମନ୍ଦିର ପ୍ରଶାସନ, ପୁରୀ*

# ଫଟୋରେ ସଂବାଦ...



ତା. ୧୯.୦୭.୧୯ରେ ଆନ୍ଧ୍ର-ପ୍ରଦେଶର ନବନିଯୁକ୍ତ
ମହାମହିମ ରାଜ୍ୟପାଳ ଶ୍ରୀଯୁକ୍ତ ବିଶ୍ୱଭୂଷଣ ହରିଚନ୍ଦନ
ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଛନ୍ତି



ତା. ୩୧.୭.୧୯ରିଖ ଉ-ପ୍ରଦେଶର ମାନ୍ୟବର ମତ୍ସ୍ୟ, ପଶୁପାଳନ
ଓ ଧାର୍ମିକ ବ୍ୟାପାର ମନ୍ତ୍ରୀ ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ଚୌଧୁରୀ
ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଛନ୍ତି



ତା. ୨୭.୦୭.୧୯ରେ ଓଡ଼ିଶା ଉଚ୍ଚତମ ନ୍ୟାୟାଳୟର ମାନ୍ୟବର
ମୁଖ୍ୟ ବିଚାରପତି ଶ୍ରୀଯୁକ୍ତ କେ.ଏସ୍.ଝାଭେରୀଙ୍କ ଗହଣରେ ଉଚ୍ଚତମ
ନ୍ୟାୟାଳୟର ମାନ୍ୟବର ବିଚାରପତି ଶ୍ରୀଯୁକ୍ତ ଅରୁଣ ମିଶ୍ର ଶ୍ରୀମନ୍ଦିରରୁ
ଶ୍ରୀଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ସାରି ଫେରୁଛନ୍ତି



ତା. ୭.୦୮.୧୯ରେ ଓଡ଼ିଶାର ମହାମହିମ ରାଜ୍ୟପାଳ
ପ୍ରଫେସର୍ ଡଃ. ଗଣେଶୀଲାଲ ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କ
ଦର୍ଶନ ସାରି ଫେରୁଛନ୍ତି




ତା. ୩୧.୦୭.୧୯ରେ ନେପାଳର ରାଜଗୁରୁ ଶ୍ରୀଯୁକ୍ତ ଅର୍ଜୁନ
ପ୍ରସାଦ ବାସ୍ତୋଲା, ଓଡ଼ିଶା ଗସ୍ତ ଅବସରରେ ଶ୍ରୀମନ୍ଦିରରୁ
ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଛନ୍ତି



ତା. ୧୫.୮.୧୯ରେ ଶ୍ରୀମନ୍ଦିରର ନବନିଯୁକ୍ତ ମୁଖ୍ୟ-ପ୍ରଶାସକ
ଡ. କ୍ରିଷନ୍ କୁମାର, ଶ୍ରୀମନ୍ଦିର ପ୍ରଶାସକ (ନୀତି)
ଶ୍ରୀଯୁକ୍ତ ବିଶ୍ୱଜିତ ବିଶ୍ୱାଳଙ୍କ ଗହଣରେ ଶ୍ରୀମନ୍ଦିରରୁ
ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଛନ୍ତି

# ଫଟୋରେ ଅନ୍ୟାନ୍ୟ...



ତା. ୨୮.୦୭.୧୯ରେ ଶ୍ରୀମନ୍ଦିରରେ ଚକ୍ରବୁଲା ଏକାଦଶୀ ପରିପ୍ରେକ୍ଷୀରେ
(ଚକ୍ର ନାରାୟଣ) ଘରି ଆଶ୍ରମ ବିଜେ କରୁଛନ୍ତି



ତା. ୨୯.୦୭.୧୯ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ଗଜପତି ମହାରାଜା
ଶ୍ରୀ ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଆହୂତ 'ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ'



ତା. ୧.୦୩.୧୯ରେ ଶ୍ରୀମନ୍ଦିରରେ ଚିତାଲାଗି ଅମାବାସ୍ୟା
ପରିପ୍ରେକ୍ଷୀରେ ଅମାବାସ୍ୟା ନାରାୟଣଙ୍କ ବିଜେ

# ନୀଳାଦ୍ରି ବିହାରରେ ଥିବା ଘଣ୍ଟି

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିର ଭିତରେ ପୂଜାବେଳେ ଅନ୍ୟ ମନ୍ଦିର ଭଳି ଘଣ୍ଟି ବାଜେ ନାହିଁ । ମାତ୍ର ମନ୍ଦିରର ଉତ୍ତର ଦିଗରେ ଗୋଟିଏ ଦ୍ୱାର ଅଛି ତାହାର ନାମ- ଘଣ୍ଟିଦ୍ୱାର । ସେହି ଦ୍ୱାର ନିକଟରେ ଗୋଟିଏ ଘଣ୍ଟି ସୁରକ୍ଷିତ ହୋଇ ରହିଛି । ବହୁବର୍ଷ ପୂର୍ବେ ସେହି ଘଣ୍ଟିଟିକୁ ନେପାଳର ରାଜା ଦାନ କରିଥିଲେ ବୋଲି ସେବକମାନେ କହନ୍ତି । ସେହି ଘଣ୍ଟିଠାରୁ ଦୁଇତିନିଗୁଣ ବଡ଼ ଆକାରର ଗୋଟିଏ ଘଣ୍ଟି ନୀଳାଦ୍ରି ବିହାରରେ ଦର୍ଶନୀୟ ବସ୍ତୁ ହୋଇ ରହିଛି । ସେହି ଘଣ୍ଟି ଦେହରେ ଇଂରାଜୀ ଅକ୍ଷରରେ ଫରାସୀ ଭାଷାରେ ଲେଖାଯାଇଛି **'IA II BE RALITE'. DPEDRO MOUDELI COURT, DELA COMP, DE FRANCE ME NOMME-PIERRE, ANDR E JE PESE 900, A PONDICHERY. 1746 OLLIOERULS GERBOUD JERT FECU.**

୧୭୪୬ ଖ୍ରୀଷ୍ଟାବ୍ଦରେ ଫ୍ରାନସ ଦେଶର ଏକ ଜଳ ଜାହାଜ ଜଳପଥରେ କୋଲକାତା ବନ୍ଦରରୁ ବାହାରି ପଣ୍ଡିଚେରୀ (ପୁଡ଼ୁଚେରୀ) ଯାଉଥିଲା । ଓଡ଼ିଶାର ଚାନ୍ଦବାଲି ବନ୍ଦର ନିକଟରେ ପହଞ୍ଚିବା ପୂର୍ବରୁ ଏକ ଅଘଟଣ ଦୃଷ୍ଟିଗୋଚର ହେଲା । ସେ ଜାହାଜର କ୍ୟାପଟେନ ଥିଲେ ଆଲ୍‌ବର୍ଟ ବିଟୋ । ତାଙ୍କ ସହିତ ଜାହାଜର ନାବିକମାନେ ଥିଲେ । ସେମାନଙ୍କ ମଧ୍ୟରେ ଥିଲେ 'ମାଇଟି' ନାମକ ଜଣେ ଯୁବକ । ସକାଳର ସୁନେଲି ସୂର୍ଯ୍ୟ କିରଣ ସମୁଦ୍ରର ଜଳରାଶି ଉପରେ ବିଛାଇ ହୋଇ ପଡ଼ିଥାଏ । ଯାତ୍ରୀମାନେ ଆନନ୍ଦ ମନରେ ସମୁଦ୍ର ଯାତ୍ରାକୁ ଉପଭୋଗ କରୁଥାଆନ୍ତି । ମାଇଟି ହାତରେ ଗୋଟିଏ ଦୂରବୀକ୍ଷଣ ଯନ୍ତ୍ର ଧରି ଚତୁର୍ଦ୍ଦିଗର ଅନନ୍ତ ଜଳରାଶିକୁ ନିରୀକ୍ଷଣ କରୁଥାଆନ୍ତି । ହଠାତ୍ ତାଙ୍କ ଦୃଷ୍ଟିରେ ପଡ଼ିଲା, ଜାହାଜ ଯେଉଁ ଆଡ଼କୁ ଯାଉଛି, ସେହି ଦିଗରୁ ଗୋଟିଏ ବିରାଟ ତିମିମାଛ ଜାହାଜ ଆଡ଼କୁ ଆଗେଇ ଆସୁଛି । ତିମି ମାଛର ଦୁଇଟା ବିରାଟକାୟ ଜ୍ୱଳନ୍ତ ଆଖି ଏବଂ ସମଗ୍ର ଜାହାଜକୁ ଗିଳି ପକାଇବାଭଳି ଆଁ' ଦେଖି ମାଇଟି ଛାନିଆ ହୋଇଗଲା । ବଡ଼ପାଟି କରି ଡାକ ପକାଇଲା କ୍ୟାପଟେନ୍‌ଙ୍କୁ । କ୍ୟାପଟେନ୍ ତା ପାଖରେ ପହଞ୍ଚିବା କ୍ଷଣି ଦୂରବୀକ୍ଷଣ ଯନ୍ତ୍ରଟି ତାଙ୍କ ଆଖି ସାମ୍ନାରେ ରଖିଦେଲା । ବିରାଟକାୟ ତିମିର ଭୟଙ୍କର ଚକ୍ଷୁ ଓ ଆଁ ଦେଖି କ୍ୟାପଟେନ୍ ଡରରେ ଛାନିଆ ହୋଇଗଲେ । ଠିକ୍ ଏତିକିବେଳେ ସେ ଦେଖିଲେ ସମ୍ମୁଖଭାଗରୁ ମାଡ଼ିଆସୁଛି ଆଉ ଏକ ବିପଦ । ପର୍ବତ ଆକାରର ସାମୁଦ୍ରିକ ଝଡ଼ ଜାହାଜ ଆଡ଼କୁ ଆଗେଇ ଆସୁଛି । ଧ୍ୱଂସକାରୀ ଦୁଇ ଦୁଇଟା ବିପଦ କବଳରୁ ରକ୍ଷା ପାଇବାର ଉପାୟ ନ ଦେଖି କ୍ୟାପଟେନ୍ ବିପଦ ସଂକେତ ଦେଇଦେଲେ । ଜାହାଜର ଅନ୍ତେବାସୀ ଯାତ୍ରୀମାନେ ଡେକ୍ ଉପରକୁ ଦୌଡ଼ି ଆସିଲେ । କ୍ୟାପଟେନ୍ ସେମାନଙ୍କୁ ଲୁହ ଝଲଛଲ ଆଖିରେ ବୁଝାଇଦେଲେ ଆମ୍ଭମାନଙ୍କର ଶେଷ ସମୟ ଆସିଯାଇଛି । ହୁଏତ ତିମିମାଛର ଆଁ ଭିତରେ କିମ୍ବା ଭୟଙ୍କର ଝଡ଼ ମଧ୍ୟରେ ଆମେ ନିଶ୍ଚିହ୍ନ ହୋଇଯିବା । ଏତେବେଳେ କେଳବ ଈଶ୍ୱର ଆମ୍ଭମାନଙ୍କୁ ରକ୍ଷା କରିପାରିବେ । ଏତେ କୋଳାହଳ ମଧ୍ୟରେ ଡେକ୍‌ର ଗୋଟିଏ କୋଣରେ ଚୁପ୍‌ଚାପ ବସି ରହିଥିଲେ 'ପିପିଲି'ର ଜଣେ ସୌଦାଗର କୁଳସାଗର । ଦୁଇ ହାତରେ ଶ୍ରୀଜଗନ୍ନାଥ, ମା'ସୁଭଦ୍ରା, ଶ୍ରୀବଳଭଦ୍ରଙ୍କର ଫଟୋଟିଏ ଧରି ନିର୍ନିମେଷ ନୟନରେ ତାଙ୍କୁ ଚାହିଁ ପ୍ରାର୍ଥନା କରୁଥାଆନ୍ତି । 'ପ୍ରଭୁ ! ତୁମେ ହର୍ତ୍ତାକର୍ତ୍ତା ଦଇବ ବିଧାତା, ତୁମ ଇଚ୍ଛା ବ୍ୟତୀରକେ ଗଛର ପତ୍ରଟିଏ ମଧ୍ୟ ହଲିପାରିବ ନାହିଁ । ତୁମେ ଶରଣ ରକ୍ଷକ ମହାବାହୁ ଛାର ତିମିମାଛ ଏବଂ ସାମୁଦ୍ରିକ ଝଡ଼ ତୁମ ଆଜ୍ଞାକୁ ଅବଜ୍ଞା କରିପାରିବେ ନାହିଁ । ଯାହାର ଆଜ୍ଞାରେ ଚନ୍ଦ୍ରସୂର୍ଯ୍ୟ ଆତଯାତ ହୁଅନ୍ତି, ପବନ, ବହୁଛି ଇନ୍ଦ୍ରଦେବତା ଜଳବୃଷ୍ଟି କରୁଛନ୍ତି ତାଙ୍କ ଶରଣାଗତକୁ ଆଘାତ ଦେବାକୁ କିଏ ବା ସାହସ କରିବ ? ଆମ୍ଭେମାନେ ସମସ୍ତ ଯାତ୍ରୀ ଏବଂ କ୍ୟାପଟେନ୍ ଆପଣଙ୍କର ଚରଣ ତଳେ ଶରଣ ପଶୁଛୁ । ରଖିଲେ ରଖ । ନ ରଖିଲେ ନାହିଁ । ଆଖିରେ ଆଖିଏ ଲୁହ । ଛାତିରେ ମହାପ୍ରଭୁଙ୍କ ଫଟୋକୁ ଜାବୁଡ଼ିଧରି କୁଳସାଗର ଭାବବିହ୍ୱଳ ହୋଇଗଲେ । ଏ ଦୃଶ୍ୟ କ୍ୟାପଟେନ୍ ଦୂରରୁ ଲକ୍ଷ୍ୟ କରୁଥିଲେ । ପାଖକୁ ଆସି ପଚାରିଲେ ସୌଦାଗର ଏ କ'ଣ କରୁଛ ? କୁଳସାଗର କହିଲେ- 'ପ୍ରାର୍ଥନା କରୁଛି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ । ସେ ହିଁ ରକ୍ଷାକର୍ତ୍ତା' । କ୍ୟାପଟେନ୍ ପଚାରିଲେ ଫଟୋରେ ଥିବା ତିନିଜଣଙ୍କ ମଧ୍ୟରୁ ଶ୍ରୀଜଗନ୍ନାଥ କିଏ ? ତାଙ୍କ ମନ୍ଦିର କେଉଁଠି ? କୁଳସାଗର କହିଲେ କଳାଶ୍ରୀ ବଦନ, ଚକାନୟନ ହେଉଛନ୍ତି ଶ୍ରୀଜଗନ୍ନାଥ । ସେ ସମୁଦ୍ର, ଆକାଶ, ପୃଥିବୀ ସର୍ବତ୍ର ବିରାଜିତ । ତେବେ ତାଙ୍କ ମନ୍ଦିର ରହିଛି ପୁରୀରେ । ତାଙ୍କ ପଦ୍ମପାଦ ତଳେ ଶରଣ ଯାଅ । ସେ ରକ୍ଷା କରିବେ । ସବୁ ବିପଦ ଅବିଳମ୍ବେ ଦୂରେଇ ଯିବ । ବିପଦରେ ପଡ଼ିଥିବା ସମସ୍ତେ କରପତ୍ର ଯୋଡ଼ି ପ୍ରାର୍ଥନା କଲେ ହେ ମହାପ୍ରଭୁ । ଏ ମହାବିପତ୍ତିରୁ ରକ୍ଷାକର । ଏହି ସମୟରେ ଦୂରବୀକ୍ଷଣ ଯନ୍ତ୍ର ହାତରେ ଧରି ଧାଇଁ ଆସିଲା ମାଇଟି । କହିଲା, କ୍ୟାପଟେନ୍ ଦେଖ, ଆମେ ବର୍ତ୍ତମାନ ବିପଦମୁକ୍ତ । ବିରାଟକାୟ ତିମି ତାର ଗତିପଥ ବଦଳାଇ ଅନ୍ୟ ଦିଗରେ ଚାଲିଯାଉଛି । ସମୁଦ୍ରର ଜଳରାଶି ଉପରେ ଉଠିଥିବା ଭୟଙ୍କର ଝଡ଼ ସମୁଦ୍ର ଜଳରେ ସ୍ଥିର ହୋଇ ମିଶି ଯାଇଛି ଏବଂ ବିଳୟ ଭଜିଛି । ଏକଥା ଶୁଣି କୁଳସାଗର ଆନନ୍ଦ ଗଦ୍‌ଗଦ୍ ଚିତ୍ତରେ କହିଲେ ଭାଇମାନେ ଏକ ସ୍ୱରରେ ସମସ୍ତେ କହ ଜୟ ଜଗନ୍ନାଥ ମହାପ୍ରଭୁଙ୍କର ଜୟ । ଜାହାଜ ପୁରୀରେ ନିର୍ବିଘ୍ନରେ ପହଞ୍ଚିଲା । କ୍ୟାପଟେନ୍ ଏବଂ ନାବିକମାନେ କୃତଜ୍ଞତାର ନିଦର୍ଶନ ସ୍ୱରୂପ ଜାହାଜର ସମସ୍ତ ଧନରତ୍ନ ଏବଂ ପଣ୍ଡିଚେରୀ ଚର୍ଚ୍ଚ ଉଦ୍ଦେଶ୍ୟରେ ନେଇଯାଉଥିବା ବିରାଟକାୟ ଘଣ୍ଟିଟିକୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଦାନ କରିଦେଲେ । ସେହି ଦିନଠାରୁ ବିରାଟକାୟ 'ଘଣ୍ଟି'ଟି ଶ୍ରୀମନ୍ଦିରସ୍ଥ ନୀଳାଦ୍ରି ବିହାରରେ ସୁରକ୍ଷିତ ହୋଇରହିଛି । ଦର୍ଶକମାନେ ଏବଂ ଭକ୍ତମାନେ ଏ କାହାଣୀ ଶୁଣି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରଣତି ବାଢ଼ୁଛନ୍ତି ।



*ଶଂକର୍ଷଣ ମଂଗରାଜ*

● *(ପୂର୍ବତନ କାର୍ଯ୍ୟକର୍ତ୍ତା, ପ୍ରସାର ଭାରତୀ) ମଙ୍ଗଳାଘାଟ ରୋଡ଼, ପୁରୀ-୧*

***Printed & Published by Shree Jagannath Temple Administration, Puri, Ph. : 06752-222002, Fax - 252100***

***E-mail : Jagannath.or@nic.in * Web Site : www.shreejagannatha.in***

***Printed at : Rama Press, North Gate, Puri, Ph. : 222145***

*ମୂଲ୍ୟ : ଦୁଇଟଙ୍କା ମାତ୍ର*